## ଆନନ୍ଦେଶ୍ୱର ଜାଗର ମହୋତ୍ସବ ଆରମ୍ଭ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପୁରାତନ ଶୈବ ପୀଠ ଆନନ୍ଦେଶ୍ୱରଙ୍କ ପ୍ରସିଦ୍ଧ ଜାଗର ମହୋତ୍ସବ-୨୦୨୩ ମଙ୍ଗଳବାର ଆରମ୍ଭ ହୋଇଛି। ମନ୍ଦିର କମିଟି ଉପସଭାପତି ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ଭାବେ ପଣ୍ଡିତ ନାରାୟଣ ଦାଶ, ବରିଷ୍ଠ ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନେତା କମଳାକାନ୍ତ ପତି ଓ ପ୍ରାର୍ଥ ସାରଥୀ ବେଜ ସଭା ସଂଯୋଜନା କରିଥିବା ବେଳେ ଅରୁଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ କ୍ଷୀରୋଦ ମିଶ୍ର, ନବକିଶୋର ଦାଶ ଓ ପର୍ଶୁରାମ ପଣ୍ଡା ବେଦପାଠ କରିଥିଲେ।

### ସଂକ୍ଷେପରେ

## ଅଶୋକ ହେଲେ ଏଆଇସିସି ସଦସ୍ୟ

ବାସୁଦେବପୁର, ୨୧।୨ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ପିସିସିର ସାଧାରଣ



ସମ୍ପାଦକ ଅଶୋକ କୁମାର ଦାସଙ୍କୁ ଏଆଇସିସି (ଅଖିଳ ଭାରତୀୟ କଂଗ୍ରେସ କମିଟି)ର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅଶୋକ ଜଣେ ଦୃଢ଼ ସଙ୍ଗଠକ ସହ ବାସୁଦେବପୁରର ପୂର୍ବତନ ପୌରାଧକ୍ଷ। ଏଥିସହ ଜିଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦିତ କରିପାରିଥିଲେ। ଏହି ଦାୟିତ୍ୱ ତାଙ୍କୁ ମିଳିଥିବାରୁ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ସଭାପତି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପଦବୀ ତାଙ୍କ କାର୍ଯ୍ୟଦକ୍ଷତାକୁ ଅଧିକ ମଜଭୁତ କରିବ ବୋଲି ସେ କହିଛନ୍ତି।

## ଶବର ସମାଜ ଜାତି ମହାସଭା

କେନ୍ଦୁଝର,୨୧।୨(ଡି.ଏନ.ଏ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗା ପଞ୍ଚାୟତ କଇଁଣ୍ଡା ଗ୍ରାମରେ ଶବର ସମାଜର ଜାତି ମହାସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାର ବିପିନ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମୂଳ ନିବାସୀ ୟୁନାଇଟେଡ଼ ଫୋରମ ଓଡ଼ିଶା ଶାଖା ସଭାପତି ବିଦ୍ୟାଧର ଦେହୁରୀ, ଦଳିତ ଆଦିବାସୀ ସଂଘ ସୁରକ୍ଷା ମଞ୍ଚ ଉପାଧକ୍ଷ ଗୋପାଳ ଚନ୍ଦ୍ର ନାଏକ, ସାଧାରଣ ସମ୍ପାଦକ ଅଶୋକ ନାଏକ, ସମ୍ପାଦକ ଇକବାଲ ହୁସେନ ପ୍ରମୁଖ ଯୋଗଦେଇ ଶବର ଜାତିର ଏକତା, ସଂସ୍କୃତି ରକ୍ଷା, ଜାତିର ଉତ୍‌ଥାନ ନେଇ ମାର୍ଗ ଦର୍ଶନ ଦେଇଥିଲେ। କେନ୍ଦୁଝର ଜିଲା ସଭାପତି ଇନ୍ଦ୍ରମଣି ଦେହୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ଅନୁଷ୍ଠିତ ହେବାସହ ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ, ଦିଲ୍ଲୀପ ଦେହୁରୀ ଓ ଭାସ୍କର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଚୁରୁ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ନେଇଗଲେ

ତେଲକୋଇ,୨୧।୨(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ଥାନା ମୁଖ୍ୟାଳୟ ତଳସାହି ବସ୍ତିରେ ମଙ୍ଗଳବାର ଦ୍ୱିପ୍ରହରରେ ଦୁର୍ବୃତ୍ତ ଜଣଙ୍କ ଘର ତାଲା ଭାଙ୍ଗି ନଗଦ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ଏନେଇ ଘର ମାଲିକ ତେଲକୋଇ ତଳସାହିର ଅର୍ଜୁନ ଚରଣ ପ୍ରଧାନଙ୍କ ବଡ଼ ପୁଅ ରଜେଶ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅର୍ଜୁନ ଚାଷ କାମରେ ବ୍ୟସ୍ତ ଥିବା ବେଳେ ରାଜେଶ ଓ ତାଙ୍କ ସ୍ତ୍ରୀ କୌଣସି କାମରେ ବାହାରକୁ ଯାଇଥିଲେ। ଯିବା ପୂର୍ବରୁ ଘର ଫାଟକ ଓ ଭିତର ଘର ତାଲା ପକାଇଥିଲେ। ଅଧଘଣ୍ଟା ପରେ ଫେରିଥିବା ବେଳେ ଘରର ସବୁ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଆଲମାରୀ ଭଙ୍ଗା ହୋଇ ଲକ୍ଷାଧିକ ଯଙ୍କାର ସୁନା ଅଳଙ୍କାର ଓ ବ୍ୟାଗ୍‌ରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ୪ ଦୋଷୀଙ୍କୁ ଆଜୀବନ ଜେଲ

### ଛେଳି ଚୋରିକୁ ନେଇ ମୁଣ୍ଡ କାଟି ହତ୍ୟା ମାମଲା

ବାରିପଦା ଅଫିସ,୨୧।୨

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍(୧)ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏହାର ବିଚାର କରି ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୨୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୬ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଧୀନ ଚୁଆସୋଲ ଗ୍ରାମର ଚୈତନ ପ୍ରସାଦ ହାଁସଦା(୩୭), ବାଇଧର ହାଁସଦା (୩୦), ବର୍ତ୍ତନ ହାଁସଦା(୨୮) ଓ ବାଇଧର ହାଁସଦା(୫୦)।



ଆଜୀବନ କାରାଦଣ୍ଡରେ ଦଣ୍ଡିତ ୪ ଦୋଷୀ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଅଗଷ୍ଟ ୧୫ ତାରିଖରେ ମୋରଡ଼ା ଥାନା ଅଧୀନ ହାଣ୍ଡିଭଙ୍ଗା ଗ୍ରାମର କର୍ଣ୍ଣ କଟୁଆଳ ଓ ତାଙ୍କ ପୁଅ ଗଣେଶ କଟୁଆଳଙ୍କୁ ଛେଳି ଚୋରି ଅଭିଯୋଗରେ ଚୁଆସୋଲ ଗ୍ରାମକୁ ନେଇ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଗଣେଶ ସେଠାରୁ କୌଶଳ କ୍ରମେ ଖସି ଆସିଥିବା ବେଳେ କର୍ଣ୍ଣଙ୍କ ମୁଣ୍ଡ କାଟି ସେମାନେ ହତ୍ୟା କରିଥିଲେ। ପରେ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପକାଇ ଦେଇଥିଲେ। ଏନେଇ ଗଣେଶ ଚିତ୍ରଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଖୋଜାଖୋଜି କରି ୨ ଦିନ ପରେ ଜଙ୍ଗଲରୁ ମୁଣ୍ଡବିହୀନ ଶବ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ମୋରଡ଼ା ଥାନା ପୋଲିସ ଏକ ମାମଲା(ନଂ. ୭୦/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

# ଆଉ ୫ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର

### ପୁରୁବାଈ କନ୍ୟାଶ୍ରମରେ ଅନ୍ତେବାସୀ ଅସୁସ୍ଥ ଘଟଣା

ବାଲେଶ୍ୱର ଅଫିସ/ ସୋର, ୨୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ପୌରାଞ୍ଚଳ ଅଧୀନ ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମର ଆଉ ୫ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୪ଜଣ ଛାତ୍ରୀ ଥିବା ବେଳେ ଜଣେ କର୍ମଚାରୀ ଅଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସୋମବାର ବିଳମ୍ବିତ ରାତିରେ ସ୍ଥାନାନ୍ତର କରାଯାଇଛି।

ସ୍ଥିତି ଅନୁଧ୍ୟାନ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଏସ୍‌ଡିଏମ୍‌ଓ ଡା. ଶଶାଙ୍କ ଶେଖର ଚୌଧୁରୀ ଏକ ଟିମ୍ ସହ କନ୍ୟାଶ୍ରମରେ ପହଞ୍ଚି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ଆଶ୍ରମ ଚାରିପାଖରେ ଥିବା ପରିବେଶକୁ ଅନୁଧ୍ୟାନ କରିବା ସହ ନାଳରୁ ପାଣି ନିଷ୍କାସନ, ବ୍ଲିଚିଂ ସିଞ୍ଚନ, ସମୟାନୁସାରେ ମଶା ଧୂଆଁ ପ୍ରୟୋଗ କାର୍ଯ୍ୟକୁ ତଦାରଖ କରିଥିଲେ। ଆଖପାଖ ଅଞ୍ଚଳରେ କୌଣସି ଘୁଷୁରି ନ ଥିବା ଜଣାପଡ଼ିଛି। ତେଣୁ ଉକ୍ତ ରୋଗ ରୋକିବା ପାଇଁ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି କନ୍ୟାଶ୍ରମରେ ଅସୁସ୍ଥ ହୋଇଥିବା ୨୭ଜଣ ଅନ୍ତେବାସୀ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗତ ଶୁକ୍ରବାର ରୁବିନା ସିଂ ନାମକ ଦଶମ ଶ୍ରେଣୀର ଅନ୍ତେବାସୀଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ଦୁଇଜଣ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଆଉ ୫ଜଣ ଅନ୍ତେବାସୀ ଜାପାନିଜ ଏନସେଫାଲାଇଟିସ୍‌ରେ ଆକ୍ରାନ୍ତ ଥିବା ରିପୋର୍ଟ ଆସିବା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋର ଡାକ୍ତରଖାନାରେ ପ୍ରତିଦିନ ଅନ୍ତେବାସୀଙ୍କର ସ୍ୱାସ୍ଥ୍ୟବସ୍ଥା ତଦାରଖ କରାଯାଉଛି। ସୋମବାର ବିଳମ୍ବିତ ରାତିରେ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ୧୯ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ଗୁରୁତର ଥିବା ରାଖି ସାନ୍ତରା (୭), ନନ୍ଦିନୀ ସିଂ (୧୫), ପୂର୍ଣ୍ଣିମା ଦା (୧୫), ରାଖି ସିଂ (୬) ଓ ଜଣେ କର୍ମଚାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

**'ଜାପାନିଜ୍ ଏନ୍‌ସେଫାଲାଇଟିସ ନୁହେଁ'**

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ସୋର ପୁରୁବାଇ କନ୍ୟାଶ୍ରମର କୌଣସି ପିଲାଙ୍କଠାରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଭାଇରସ୍ ଚିହ୍ନଟ ହୋଇନାହିଁ। ସେହି ୫ ପିଲାଙ୍କଠାରେ ଏନ୍‌ସେଫାଲାଇଟିସ୍ ଭାଇରସ୍ ଚିହ୍ନଟ ହୋଇଛି। କିନ୍ତୁ କେଉଁ ଭାଇରସ୍ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।






@ ମୌନୀ



@ ଶକ୍ତି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ଜମି ଫେରାଇ ଆଣିବାକୁ ୨୯ ବର୍ଷ ସଂଘର୍ଷ

### କ୍ଷତିପୂରଣ ଦାବିରେ ଅନଶନ

ଭଦ୍ରକ ଅଫିସ, ୨୧।୨

ବିନା କବଲାରେ ଜମି ମାଲିକଙ୍କ ଅଗୋଚରରେ ୧୯୯୩ରେ ଅନ୍ୟ ବ୍ୟକ୍ତିଙ୍କ ନାମରେ ଜମି ଚାଲି ଯାଇଥିଲା। ଉକ୍ତ ଜମିକୁ ନିଜ ନାମକୁ ଫେରାଇ ଆଣିବା ପାଇଁ ଦୀର୍ଘ ୨୯ ବର୍ଷ ସଂଘର୍ଷ କରିବାକୁ ପଡ଼ିଛି। ଏଥିପାଇଁ ଅନ୍ୟ ଜମି ବିକି ବହୁ କଷ୍ଟରେ କେସ୍ ଖର୍ଚ୍ଚ କରିବାକୁ ପଡ଼ିଲା। ଉକ୍ତ କ୍ଷତିପୂରଣ ଦାବିରେ ମଙ୍ଗଳବାର ପରିବାର ଓ ସମ୍ପର୍କୀୟଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ ଭଦ୍ରକ ଜିଲା ନାୟିକାଣିଡିହୀ ଥାନା ଅଧୀନ ନନ୍ଦପାଟଣା ଗ୍ରାମର ସମୀରଣ ପାଳ। ପୂର୍ବରୁ ବାସୁଦେବପୁର ତହସିଲ ଅଫିସ ଆଗରେ





ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପରିବାର ସହ ଅନଶନରେ ବସିଛନ୍ତି ସମୀରଣ ପାଳ।

ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବାରୁ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରୁ ଉଠିବେ ନାହିଁ ବୋଲି ସେ କହିଥିଲେ। ତାଙ୍କୁ ସମର୍ଥନ କରି ପଡ଼ୋଶୀ ସପନ ଜେନା, ବିଷ୍ଣୁପଦ ଗିରି, ଶ୍ରୀମନ୍ତ ଗିରି, ପରୀବାଳା ଦାସ ପ୍ରମୁଖ ଅନଶନରେ ବସିଥିଲେ। ମଧ୍ୟାହ୍ନରେ ଅତିରିକ୍ତ ଜିଲାପାଳ ରାମଦାସ ଗୁଡୁ ଓ ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ ସେମାନଙ୍କ ସହ ଆଲୋଚନା କରିଥିଲେ। ବାସୁଦେବପୁର ତହସିଲଦାରଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫୋନ୍ ମାଧ୍ୟମରେ ନିର୍ଦ୍ଦେଶ ଦେବା ପରେ ସେମାନେ ଅନଶନରୁ ଉଠିଥିଲେ।

## ଶିବ ଜୟନ୍ତୀ ମହୋତ୍ସବ

ଧୂଷୁରୀ,୨୧।୨(ସ୍ୱ.ପ୍ର.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆତ୍ମଜ୍ୟୋତି ଭବନ ଧାମନଗର ଶାଖା ପକ୍ଷରୁ ଶିବ ଜୟନ୍ତୀ ମହୋତ୍ସବ ଅବସରରେ ଝଣ୍ଡା ଉତ୍ତୋଳନ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦର୍ଶନୀ ସଚେତନତା ଯାତ୍ରା ଆରମ୍ଭ ହୋଇଛି। ଧାମନଗର ଅତିରିକ୍ତ ଥାନାଧିକାରୀ ପ୍ରଦୀପ ନାୟକ ଓ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳକ ବ୍ରହ୍ମାକୁମାରୀ ଅନୁ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚିକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସାତଦିନ ଧରି ଏହି ମହୋତ୍ସବ ଚାଲିବ। ବାବାଙ୍କ ରଥ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲା। ବ୍ରହ୍ମାକୁମାର ମହେଶ୍ୱର, ପୂର୍ଣ୍ଣଚନ୍ଦ୍ର, ରତ୍ନାକର, ଅନାମ ଏବଂ ବ୍ରହ୍ମାକୁମାରୀ ଜୟନ୍ତୀ, କୁସୁମଙ୍କ ସମେତ ଶତାଧିକ ରାଜଯୋଗୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

### ଅଧାପନ୍ତରିଆ ପିଢ଼ପୋଖରୀ ରାସ୍ତା

ଯୋଡ଼ା,୨୧।୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତ ଅଧୀନ ପିଢ଼ପୋଖରୀ ରାସ୍ତା ଅଧାପନ୍ତରିଆ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ବିଭିନ୍ନ ସମସ୍ୟା ଭୋଗୁଥିବାରୁ ଗତ ୧୧ ତାରିଖରେ ସ୍ଥାନୀୟ ସରପଞ୍ଚ ପାନପତି ମୁଣ୍ଡାଙ୍କ ନେତୃତ୍ୱରେ ଜିଲାପାଳ ଆଶିଷ ଠାକରେଙ୍କୁ ଭେଟି ଆଲୋଚନା କରିଥିଲେ। ମାତ୍ର କୌଣସି ଫଳପ୍ରଦ ନ ହେବାରୁ ଗ୍ରାମବାସୀ ମଙ୍ଗଳବାର ପୁଣି ଜିଲାପାଳଙ୍କୁ ଭେଟି ଆଲୋଚନା କରି ଦାବିପତ୍ର ଦେଇଛନ୍ତି।

ପ୍ରକାଶ ଯେ, ଗ୍ରାମରୁ ଦବୁନା ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁଦାନ ମିଳିଥିଲା। ୮ କି.ମି ରାସ୍ତା ମଧ୍ୟରୁ ମାତ୍ର ୩ କି.ମି. ରାସ୍ତା ନିର୍ମାଣ ପରେ ଅଧାପନ୍ତରିଆ ଭାବେ ପଡ଼ିଛି। ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ସ୍କୁଲ ବସ୍‌ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଓଡ଼ିଶା ଖଣି ନିଗମକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଓଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇ ନାହିଁ। ଏହାସହିତ ଗ୍ରାମରେ ପାନୀୟ ଜଳ ସଙ୍କଟ, ନେଟ୍‌ୱାର୍କ ଓ ଅନ୍ୟାନ୍ୟ ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମର ଉମାକାନ୍ତ ବାରିକ, ସଞ୍ଜୟ ମହାକୁଡ଼, ବିପ୍ରବର ବାରିକ ଓ ଭୁବନ ବାରିକ ପ୍ରମୁଖ କହିଛନ୍ତି।


ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ କହ୍ନେଇଲାଲ ପାତ୍ର
(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)
ପାଲବଣୀ, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୦୨।୧୦।୧୯୪୨
ତିରୋଧାନ: ୧୨।୦୨।୨୦୨୩

ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କେବେ ବି ଭୁଲିପାରିବୁ ନାହିଁ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ: ଆରତୀ, ବଡ଼ପୁଅ-ବଡ଼ବୋହୂ: ଦେବାଶିଷ ଓ ଜ୍ୟୋତିର୍ମୟୀ, ସାନପୁଅ-ସାନବୋହୂ: ଆଶିଷ ଓ ଅଳକା, ପୁତୁରା-ପୁତୁରାବୋହୂ: ଚନ୍ଦନ ଓ ଶିବାନୀ, ନାତି ଓ ନାତୁଣୀ: ନିଲ, ନିଷ୍ଠା, ନିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ।


## ନକଲି ଜର୍ଦ୍ଦା କାରବାର, ଜଣେ ଗିରଫ

ଭଦ୍ରକ ଅଫିସ,୨୧।୨

ଭଦ୍ରକ ପୁରୁଣାବଜାର ଅଞ୍ଚଳରୁ ବାରମ୍ବାର ନକଲି ଜର୍ଦ୍ଦା ଜବତ କରାଯାଉଥିଲେ ମଧ୍ୟ କାରବାର ବନ୍ଦ ହେଉନାହିଁ। ସୋମବାର ପୁରୁଣାବଜାର ଥାନା କାଜିମହଲାରୁ ନକଲି ଜର୍ଦ୍ଦା ଓ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପୋଲିସ ଜବତ କରିଛି। କାରବାରରେ ସମ୍ପୃକ୍ତ କାଜିମହଲାର ସେକ୍ ଅବଦୁଲ କୁମାର(ଲାଲଟୁ)ଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଥାନାରେ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ୨୨ ବ୍ୟାଗ୍‌ରେ ସୁରଭି, ବାବା-୧, ଶିବଦାତା, କନକ ଆଦି ବିଭିନ୍ନ ବ୍ରାଣ୍ଡର ୪୮୦୦ ଡବା, ୭୦ କିଲୋ ନକଲି ପ୍ୟାକିଂ ଜର୍ଦ୍ଦା, ୫୦ କିଲୋ ଖୋଲା ଜର୍ଦ୍ଦାପତି ପ୍ୟାକେଟ, ୮ କାର୍ଟୁନ ପ୍ୟାକିଂ ସାମଗ୍ରୀ, ୨୦ କିଲୋ ପିପରମେଣ୍ଟ, ୪ ବ୍ୟାଗ୍ କେମିକାଲ, ୧୧୦୮ ଲିଟର ଲିକ୍ୟୁଇଡ୍ କେମିକାଲ ଆଦି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏସ୍‌ଆଇ ବୀରେନ୍ଦ୍ର ରାଉତ, ଶୁଭେନ୍ଦୁ ମହାନ୍ତି, ସୁଦର୍ଶନ ପ୍ରଧାନ ଓ ଶୁଭସ୍ମିତା ପାଲ ଉପସ୍ଥିତ ଥିଲେ।

## ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ଅଟକ

କୁଳିଅଣା,୨୧।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳରେ ଏକ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିବା ଓ ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କର୍ମଚାରୀ ଜଣକ ଗ୍ରାମର ଜଣେ ମହିଳାଙ୍କୁ ସୋମବାର ରାତି ୯ଟାରେ ଗାଁକୁ ଛାଡ଼ିବାକୁ ଆସିବା କାରଣ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଟକ ରଖିଥିଲେ ବୋଲି କହିଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଜଣେ ମହିଳା ଅନ୍ୟ ଏକ ଗ୍ରାମର ମହିଳାଙ୍କ ସହିତ ମିଶି ଖାରପୋଖରୀଆ ସ୍ଥିତ ଏକ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣିଥିଲେ। ଋଣ ଟଙ୍କାକୁ ସେହି ଗ୍ରୁପର ଅନ୍ୟ ଜଣେ ମହିଳା ନେଇ କିସ୍ତି ଦେଉ ନ ଥିଲେ। ଘଟଣା ଦିନ ସଂସ୍ଥା କର୍ମଚାରୀଙ୍କ ନିର୍ଦ୍ଦେଶ କ୍ରମେ କିସ୍ତି ଦେଉ ନ ଥିବା ଉକ୍ତ ମହିଳାଙ୍କୁ ଗ୍ରୁପର ଅନ୍ୟ ସଦସ୍ୟାମାନେ ଜବରଦସ୍ତ ଉଠାଇ ନେଇ ତାଙ୍କ ଗ୍ରାମରେ ରଖିଥିଲେ। ରାତି ୯ଟା ସମୟରେ ସଂସ୍ଥାର କର୍ମଚାରୀ ଜଣକ ମହିଳାଙ୍କୁ ଘରକୁ ଛାଡ଼ିବା ପାଇଁ ଆସିବାରୁ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ।

# ଗଡ଼ପଦା ସ୍କୁଲରେ ଝୁଲିଲା ତାଲା

ରୂପସା, ୨୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ତାଲାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷା ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ କରି ଅଭିଭାବକ, ଗ୍ରାମବାସୀ, ପରିଚାଳନା କମିଟି, ଶାନ୍ତି କମିଟି, ପୁରାତନ ଛାତ୍ରମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ପାଠପଢ଼ା ବନ୍ଦ ସାଙ୍ଗକୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଗେଟ ବାହାରେ ଅପେକ୍ଷା କରିଥିଲେ। ସମସ୍ୟା ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଓ ସମସ୍ୟା ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି, ସ୍କୁଲରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ସହକାରୀ ଶିକ୍ଷୟିତ୍ରୀ ମିନତୀ ସୋରେନଙ୍କ ବଦଳି କରାଯାଇ ତାଙ୍କ ସ୍ଥାନରେ ଜଣେ ଶିକ୍ଷକ ନିଯୁକ୍ତି, ପାଚିକା ନିଯୁକ୍ତି, ସିଆରସିସିଙ୍କ ବଦଳି, ବିଭିନ୍ନ ଅନିୟମିତତା ସମ୍ପର୍କରେ ପୂର୍ବତନ ବିଇଓ ଏକ ସ୍ୱତନ୍ତ୍ର ଟିମ୍ ସହ ବିଦ୍ୟାଳୟରେ ବାରମ୍ବାର ତଦନ୍ତ କରି ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଏଯାବତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଆଦି ଦାବିରେ ତାଲା ବନ୍ଦ ହୋଇଥିଲା। ଖବର ପାଇ ବସ୍ତା ବ୍ଲକ ଏବିଇଓ ବିଜୟ କୁମାର ଜେନା ଓ ବାସନ୍ତୀଲତା ପୃଷ୍ଟି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିଲା। ତୁରନ୍ତ ଶିକ୍ଷୟିତ୍ରୀ ମିନତୀ ସୋରେନଙ୍କ ବଦଳି ସହ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକଙ୍କୁ ନିଯୁକ୍ତି କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା।



ସ୍କୁଲ ଫାଟକରେ ତାଲା ପକାଇ ଅଭିଭାବକମାନେ ଆନ୍ଦୋଳନ କରୁଛନ୍ତି।

# ଜଙ୍ଗଲ ନିଆଁ ରୋକିବାକୁ 'ଫାୟାର ଲାଇନ୍'

### ସାମିଲ ହେଲେ ସ୍ୱୟଂ ସହାୟିକା ମହିଳା

କେନ୍ଦୁଝର,୨୧।୨(ସ୍ୱ.ପ୍ର)

କେନ୍ଦୁଝର ବନଖଣ୍ଡ ସହାୟତାରେ ସଦର ବନାଞ୍ଚଳ ଅନ୍ତର୍ଗତ ପଳାସପଙ୍ଗା ସେକ୍ସନ ଅଧୀନସ୍ଥ ୧୫ଟି ବନ ସୁରକ୍ଷା ସମିତି ଦ୍ୱାରା ଜଙ୍ଗଲ ନିଆଁ ପ୍ରତିକାର ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସାମିଲ ହୋଇ ଜଙ୍ଗଲରେ ପଡ଼ିଥିବା ପତ୍ରକୁ ଅଲଗା (ଫାୟାର ଲାଇନ୍) କାମ କରୁଛନ୍ତି। ଏଥିରେ ପଳାସପଙ୍ଗା ସେକ୍ସନର ଆହାରପସି, କଣ୍ଡରାପସି, ଆମୁଣିପୁର, ନଇଗାଁ ଓ ସଣ୍ଡିଆପସି ବନ ସୁରକ୍ଷା ସମିତିରେ ସଚେତନତା ସଭା ଅନୁଷ୍ଠିତ ହେବା ଫାୟାର ଲାଇନ କାମ ସରିଛି। ବଉଳମାଳ ଓ କଶିରା ପାଟଣାରେ କାର୍ଯ୍ୟକ୍ରମ ଚାଲୁ ରହିଛି। ବଉଳମାଳ ବନ ସୁରକ୍ଷା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ସଭା ଓ ଫାୟାର ଲାଇନ କାମ ଅବସରରେ ପଳାସପଙ୍ଗା ବନପାଳ ଜୟକୃଷ୍ଣ ଦାସ, ବନରକ୍ଷୀ ସୁବାଷିନୀ ଗିରି, ବଉଳମାଳ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ପୂର୍ଣ୍ଣେନ୍ଦୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ମହାପାତ୍ର, ଅନିତା ନାୟକ, ସଦସ୍ୟ ନିରଞ୍ଜନ ମହାନ୍ତ, ଭାଗବତ ନାୟକ ଓ ଲଳିତ ମହାକୁଡ଼ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କର ଭୂମିକା ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ଗ୍ରାମର ଭଦ୍ର ବ୍ୟକ୍ତିଗଣ ଜଙ୍ଗଲ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଶପଥପାଠ କରିଥିଲେ। ଏହି ଅବସରରେ ବନ ବିଭାଗ କର୍ମଚାରୀ ଓ ବନସୁରକ୍ଷା ସମିତିର ସଦସ୍ୟଙ୍କ ତତ୍ତ୍ୱାବଧାନରେ ଗ୍ରାମର ୧୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଫାୟାର ଲାଇନ କାମ କରିବା ସହିତ ଲୋକମାନଙ୍କୁ ସଚେତନ କରାଉଛନ୍ତି। ସେହିପରି କଶିରା ପାଟଣାରେ ମଧ୍ୟ ଫାୟାର ଲାଇନ କାମ ଚାଲିଛି। ଖୁବ୍ ଶୀଘ୍ର ଆଉ ୮ଟି ବନ ସୁରକ୍ଷା ସମିତିରେ ଏହି କାମ କରାଯିବା ସହିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡ଼ିକରେ ବ୍ୟାପକ ସଚେତନତା କରାଯିବ ବୋଲି ପଳାସପଙ୍ଗା ବନପାଳ କହିଛନ୍ତି।



ନିଆଁ ଜଙ୍ଗଲରେ ନ ବ୍ୟାପିକା ପାଇଁ ମହିଳା ପତ୍ରକୁ ଅଲଗା କରୁଛନ୍ତି।

## ନିମ୍ନମାନର କାମକୁ ବିରୋଧ କରିବାରୁ ଗଣ୍ଡଗୋଳ

ଗୋପବନ୍ଧୁ ନଗର,(ଡି.ଏନ.ଏ.): ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ଅଧୀନ କେନ୍ଦୁଆମୁଣ୍ଡି ଗ୍ରାମର ଏକ ନଳକୂପ ଚାରିପାଖରେ ଚାନ୍ଦିନି କାମ ନିମ୍ନମାନର ହେଉଥିବା ନେଇ ସେହି ଗ୍ରାମର ସନାତନ ମହାକୁଡ଼ ଅଭିଯୋଗ ଉଠାଇଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଗ୍ରାମର ଜଗଦୀଶ ବାରିକ, ନନ୍ଦୁ ବାରିକ, କନ୍ଦୁ ବାରିକ ଓ ବାଦଲ ମହାକୁଡ଼ ମିଶି ତାଙ୍କୁ ମାଡ଼ ମାରିଥିବା ନେଇ ସନାତନ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୩୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

କୁଳିଅଣା,୨୧।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ପାରିଆକୁଳି ଗ୍ରାମରେ ଜଣେ ଯୁବତୀ ସୋମବାର ସନ୍ଧ୍ୟାରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ରଶ୍ମିତା ପଲେଇ (୨୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ଚଳନ୍ତା ଟ୍ରକ୍‌ରେ ଲାଗିଲା ନିଆଁ



ଚମ୍ପୁଆ,୨୧।୨(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆଠାରେ ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗି ଗାଡ଼ିର ତେଲ ଟାଙ୍କି ଫାଟି ଯାଇଥିଲା। ଜେ.ଏଚ୍.୧୨ ଇ ୨୩୫୦ ନମ୍ବର ଟ୍ରକ୍‌ଟି ଯୋଡ଼ା ପଟୁ ଲୁହାପଥର ନେଇ ରିମୁଳି ଦେଇ ଝାଡଖଣ୍ଡକୁ ଯାଉଥିଲା। ଟ୍ରକ୍ ପଛ ପାଖରୁ ଧୂଆଁ ବାହାରିବା ଦେଖି ଡ୍ରାଇଭର ରଜିଆ ଛକ ନିକଟରେ ଗାଡି ଅଟକାଇ ଦେଇଥିଲେ। ନିଆଁ ଡିଜେଲ ଟାଙ୍କିକୁ ବ୍ୟାପି ଫାଟି ଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାଏକଙ୍କ ସମେତ ସ୍ଥାନୀୟ ଲୋକେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବାରେ ସକ୍ଷମ ହୋଇଥିଲେ।

### କାର୍ଯ୍ୟରେ ଯୋଗଦେଲେ ୧୧ ଥାନାଧିକାରୀ

ପଦ୍ମପୁର/ଭଦ୍ରକ ଅଫିସ, ୨୧।୨ (ଡି.ଏନ.ଏ.): ଭଦ୍ରକ ଜିଲା ପୋଲିସ ସ୍ତରରେ ନିକଟରେ ଅଦଳବଦଳ ହୋଇଛି। ଜିଲାର ୧୧ ଥାନାଧିକାରୀଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଛି। ଥାନାଧିକାରୀମାନେ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଏସ୍‌ଆଇ ଶ୍ରୀକାନ୍ତ କୁମାର ପତି, କଷିଆ ସାମୁଦ୍ରିକ ଥାନାରେ ସୁଶାନ୍ତ କୁମାର ମିଶ୍ର, ସାବରଙ୍ଗ ଥାନାରେ ଅମିତ କୁମାର ଭୂୟାଁ, ତିହିଡ଼ିରେ ମହମ୍ମଦ ହାଫିଜ, ଧାମରା ପୋର୍ଟ ଥାନାରେ ଶୋଭେନ କୁମାର ସ୍ୱାଇଁ, ବାଂଶଡ଼ା ଥାନାରେ ଶ୍ରୀବଲ୍ଲଭ ସାହୁ, ଭଣ୍ଡାରିପୋଖରୀରେ ତପନ କୁମାର ପ୍ରଧାନ, ପୁରୁଣାବଜାର ଥାନାରେ କରୁଣାକର ରାଉତ, ଚାନ୍ଦବାଲିରେ ମୃତ୍ୟୁଞ୍ଜୟ ପ୍ରଧାନ, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅମିତାଭ ଦାସ ଓ ଚୂଡ଼ାମଣି ସାମୁଦ୍ରିକ ଥାନାରେ ରୀନା ବାକ୍ସଲା ଯୋଗ ଦେଇଛନ୍ତି।

### ଧାର ଟଙ୍କାକୁ ନେଇ ମାର୍‌ପିଟ

ବଡ଼ସାହି,୨୧।୨(ଡି.ଏନ.ଏ.): ଧାର ଟଙ୍କା ମାଗିବା ଘଟଣାକୁ ନେଇ ୨ଜଣଙ୍କ ମଧ୍ୟରେ ମାର୍‌ପିଟ ହୋଇଛି। ଅଭିଯୋଗ ଆଧାରରେ ଭୀମଦା ଫାଣ୍ଡି ଅଧିକାରୀ ପଞ୍ଚାନନ ମହାନ୍ତି ତଦନ୍ତ କରୁଛନ୍ତି। ଏନେଇ ବଡ଼ସାହି ଥାନାରେ ଏକ ମାମଲା(ନଂ.୭୩/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବେଗୁନିଆବଣୀ ଗ୍ରାମର ପ୍ରଭାକର ଜେନା ଜଡ଼ିଦା ଗ୍ରାମର ରଶ୍ମି ରଞ୍ଜନ ଜେନାଙ୍କୁ ୧୨ହଜାର ଟଙ୍କା ଧାର ସୂତ୍ରରେ ଦେଇଥିଲେ। ତେବେ ରଶ୍ମି ରଞ୍ଜନ କିଛି ଟଙ୍କା ଫେରାଇ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ଫେରାଇ ନ ଥିଲେ। ପ୍ରଭାକର ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ମାର୍‌ପିଟ ହୋଇଥିଲା।

# ବିଦ୍ୟୁତ୍ ଦେଖିନାହାନ୍ତି ଶତାଧିକ ଜୁଆଙ୍ଗ ପରିବାର

### ଅବହେଳିତ ଗାଁ ଟାଙ୍ଗରପଡ଼ା

■ ସ୍କୁଲକୁ ପାଳିକରି ଆସୁଛନ୍ତି ଶିକ୍ଷକ

■ ନଳକୂପ ଅଚଳ, ନାଳପାଣି ଭରସା

ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର,୨୧।୨



କେନ୍ଦୁଝର ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୦ କି.ମି. ଦୂର କାଞ୍ଜିପାଣି ଘାଟି ଉପରେ ଟାଙ୍ଗରପଡ଼ା ଗ୍ରାମ ରହିଛି। ବଣପାହାଡ଼ ଘେରା ଅଞ୍ଚଳରେ ବହୁ ବର୍ଷ ଧରି ଗ୍ରାମରେ ଜୁଆଙ୍ଗ ଜନଜାତିମାନେ ବସବାସ କରି ଆସୁଛନ୍ତି। ଲୋକମାନଙ୍କ ଜମିଜମା ନ ଥିବା ବେଳେ ପାହାଡ଼ରେ ତଇଲା କାଟି ଚାଷକରି ପରିବାର ପ୍ରତିପୋଷଣ କରିଥାଆନ୍ତି। କେତେକ ବାହାରକୁ ଦାଦନ ଖଟିବାକୁ ଯାଇଥାଆନ୍ତି। ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମବାସୀ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ ଓ ଶିକ୍ଷା ଭଳି ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଏନେଇ ପଞ୍ଚାୟତ, ବ୍ଲକ୍‌ସ୍ତରରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର ତିନୋଟି ସାହିରେ ୧୦୦ରୁ ଊର୍ଦ୍ଧ୍ୱ ଜୁଆଙ୍ଗ ପରିବାର ରହୁଥିବା ବେଳେ ଅନେକ ଭଙ୍ଗା ଦଦରା ଛପର ଘରେ ରହୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ। ବୃଦ୍ଧା/ବୃଦ୍ଧ ତଥା ଦିବ୍ୟାଙ୍ଗ ଲୋକ ଭତ୍ତା ପାଉ ନ ଥିବାରୁ ଦୁର୍ଦ୍ଦଶାରେ ରହୁଥିବା ଗ୍ରାମର ହାଡ଼ିଆ ପ୍ରଧାନଙ୍କ ସମେତ ଅନ୍ୟମାନେ କହିଛନ୍ତି। ଅନ୍ୟପକ୍ଷରେ ସଚେତନତା ଅଭାବ ଏବଂ ଏକାଧିକ ସନ୍ତାନ କାରଣରୁ ପରିବାର ପ୍ରତିପୋଷଣ କରି ନ ପାରି ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଦେଖିପାରି ନାହାନ୍ତି। ପ୍ରଶାସନ ପକ୍ଷରୁ ପ୍ରତି ସାହିରେ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଥିଲେ ହେଁ ଅନେକ ଅଚଳ ହୋଇ ପଡ଼ିଥିବାରୁ ବହୁ ପରିବାର ଅନ୍ଧାରରେ ରାତି କାଟୁଛନ୍ତି। ବଣପାହାଡ଼ ଘେରା ଅଞ୍ଚଳ ହୋଇଥିବାରୁ ସବୁବେଳେ ଜୀବଜନ୍ତୁଙ୍କ ଭୟ ଲାଗିରହୁଛି। ଦୀର୍ଘ ବର୍ଷ ହେବ ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ମରାମତି କରାଯାଉ ନାହିଁ। ଫଳରେ ପିଇବା ପାଣି ପାଇଁ ପାହାଡ଼ିଆ ନାଳ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ଦୀର୍ଘ ବର୍ଷ ହେଲା ଏକ ଜଳ ଯୋଗାଣ ପ୍ରକଳ୍ପ କାମ ଅଧାପନ୍ତରିଆ ଭାବେ ଛାଡ଼ି ଠିକା ସଂସ୍ଥା ପଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଲାଙ୍କ ପାଠପଢ଼ା ପାଇଁ ପ୍ରାଥମିକ ବିଦ୍ୟାଳୟ ରହିଛି। ତିନି ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ଶିକ୍ଷା ବିଭାଗର ତଦାରଖ ଅଭାବରୁ ସେମାନେ ନିୟମିତ ଆସୁ ନ ଥିବାରୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଉକ୍ତ ଗ୍ରାମକୁ ଓମ୍‌ବାଡସି (ଓଡ଼ିଶା ମିନେରାଲ ବିୟରିଂ ଏରିୟା ଡେଭଲପ୍‌ମେଣ୍ଟ କର୍ପୋରେସନ) ଅର୍ଥରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ଉପଯୁକ୍ତ ତଦାରଖ ଅଭାବରୁ ସଠିକ ମାନର କାମ ହୋଇ ନ ଥିବାରୁ ନଷ୍ଟ ହେବାକୁ ବସିଛି। ରାଶନ ସାମଗ୍ରୀ ପାଇଁ ଦୁର୍ଗମ ଅଞ୍ଚଳ କୁଆଁର ଯିବାକୁ ପଡୁଥିବାରୁ ଦଶ ଟଙ୍କା ବଦଳରେ କୋଡିଏ ଟଙ୍କା ଖର୍ଚ୍ଚ ହେଉଛି। ଅଟୋ ଭଡ଼ାରେ ଚାଉଳ ମୂଲ୍ୟଠାରୁ ଅଧିକ ଖର୍ଚ୍ଚ ହେଉଛି ବୋଲି ରଞ୍ଜନ ଦେହୁରୀ ସମେତ ଅନ୍ୟମାନେ କହିଛନ୍ତି। ଏନେଇ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ତପନ ନାୟକ କହିଛନ୍ତି, ସମସ୍ୟା ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ବିଡିଓ ଜଣାଇବେ। ନିଜେ ଯାଇ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ।

# ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ



ବନ ବିଭାଗ ଓ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି।

### ଦୁଇ କରତକଳରେ ଚଢ଼ାଉ

ଭୋଗରାଇ, ୨୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଡାକବଙ୍ଗଳା ବଜାରରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲିଆସୁଥିବା ଦୁଇଟି କରତକଳରେ ମଙ୍ଗଳବାର ବନ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଦୁଇ କରତ କଳରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ବହୁ ମୂଲ୍ୟବାନ କାଠ ଜବତ ହୋଇଛି। ଏସିଏଫ ତପନ କୁମାର ପରିଡାଙ୍କ ନେତୃତ୍ୱରେ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ମାଜିଷ୍ଟ୍ରେଟ ସଦର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, କମର୍ଦ୍ଦା ଥାନା ପୋଲିସ ସହ ୬୦ଜଣ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଚଢ଼ାଉ ବେଳେ ଘଟଣାସ୍ଥଳରୁ ଦୁଇ କରତକଳ ମାଲିକ କୌଶଳକ୍ରମେ ଚମ୍ପଟ ମାରିଥିଲେ। ଅପରପକ୍ଷରେ ଭୋଗରାଇ, ବାଲିଆପାଳ ଏବଂ ଜଳେଶ୍ୱର କରତକଳ ମାଲିକମାନେ ପଶ୍ଚିମବଙ୍ଗକୁ ପଳାଇଯାଇ ସେଠାରେ କରତକଳ ଚାଲୁ କରୁଛନ୍ତି। ଏହି ୩ଟି ବ୍ଲକରୁ ଦୈନନ୍ଦିନ ମେଶିନ ଚାଳିତ ରିକ୍ସା, ଟ୍ରାକ୍ଟର ଓ ଟ୍ରକରେ ଲକ୍ଷାଧିକ ଟଙ୍କାର ଚୋରା ମୂଲ୍ୟବାନ କାଠ ବୋଝେଇ ହୋଇ ପୋଲିସ ଏବଂ ବନବିଭାଗ କର୍ମଚାରୀଙ୍କ ଜ୍ଞାତସାରରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି।

# 'ଭାଷା ମାନବ ଜାତିର ପ୍ରାଣକେନ୍ଦ୍ର'



ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମାତୃଭାଷା ଦିବସ ପାଳନ କରାଯାଉଛି।

### ମାତୃଭାଷା ଦିବସ ପାଳିତ

ନୀଳଗିରି, ୨୧।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ମାତୃଭାଷା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା ପୌରୋହିତ୍ୟ କରିଥିଲେ। ଭାଷା ମାନବ ଜାତିର ପ୍ରାଣକେନ୍ଦ୍ର। ପ୍ରତ୍ୟେକ ଜାତି ନିଜର ମାତୃଭୂମି ଓ ମାତୃଭାଷାକୁ ନେଇ ଗର୍ବିତ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ବ୍ୟାପକ, ସେ ଜାତି ପୃଥିବୀରେ ସେତେ ଉନ୍ନତ ଭାବରେ ସମ୍ମାନିତ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ମୁଖ୍ୟଅତିଥି ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ନୀଳଗିରି ଜୁନିୟର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟାପିକା ମଣିମାଳା ବିଶ୍ୱାଳ, ଡ. ଶିବାନୀ ଡଗର, ମମତା ପ୍ରିୟଦର୍ଶିନୀ ସାହୁ, ମୌସୁମୀ ଭୋଳ, ମୋନାଲିସା ଭୋଳ, ଅଧାପକ ଡ. ହରିପଦ ଦାଶ ଯୋଗଦେଇ ମାତୃଭାଷାର ବ୍ୟବହାର ସମ୍ପର୍କରେ ମତ ଦେଇଥିଲେ। ପ୍ରାରମ୍ଭରେ ଅଧାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଦ୍ୱାରା ବେଦପାଠ, ପ୍ରାକ୍ କଥନ ଓ ଅତିଥି ପରିଚୟ ପ୍ରଦାନ ହୋଇଥିବା ବେଳେ ଛାତ୍ରୀ ଶୁଭଶ୍ରୀ, ମଧୁସ୍ମିତା ଓ ବିଶ୍ୱଶ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ହୋଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଛାତ୍ରୀ ଶୁଭଶ୍ରୀ ବେହେରା, ସୁଦେଷ୍ଣା ଦାସ ଓ ହେମଲତା ବେହେରା ଭାଷା ସମ୍ବନ୍ଧୀୟ ପ୍ରବନ୍ଧପାଠ କରିଥିଲେ। ଶେଷରେ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡ. ଶିବାନୀ ଡଗର ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ଛାତ୍ରୀ ଯୋଗଦେବା ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗହଣା ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍

ବାରିପଦା ଅଫିସ,୨୧।୨

ମୟୂରଭଞ୍ଜ ଜିଲା ବାରିପଦା ସହର କାଳିକାପୁର ଅଞ୍ଚଳରେ ଜଣେ ଗହଣା ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅଧୀନ କାଳିକାପୁର ଅଞ୍ଚଳର ନିଲୁ ମୁଖୀ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୪୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟା ବେଳେ ବାରିପଦାର ଗହଣା ବ୍ୟବସାୟୀ କାର୍ତ୍ତିକ ଚନ୍ଦ୍ର ଦାସ ଦୋକାନ ବନ୍ଦ କରି କାଳିକାପୁରସ୍ଥିତ ଘରକୁ ଯାଉଥିଲେ। ଏହି ସମୟରେ ୨ଅଜଣା ବ୍ୟକ୍ତି ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା, ମୋବାଇଲ ଓ ଦୋକାନର ଚାବି ଥିବା ବ୍ୟାଗକୁ ଛଡ଼ାଇ ନେଇଥିଲେ। କାର୍ତ୍ତିକ ପାଟି କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଖସି ପଳାଇ ଯାଉଥିବା ୨ଜଣକ ମଧ୍ୟରୁ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି।

# 'କଠିନ ପରିଶ୍ରମ ସଫଳତା ଆଣିଦିଏ'





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ବାର୍ଷିକ ଉତ୍ସବ ୟୁଫୋନି-୨୦୨୩

ବାରିପଦା ଅଫିସ,୨୧।୨

ବାରିପଦା ସହର ଉପକଣ୍ଠ ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପରିସରରେ ବାର୍ଷିକ ଉତ୍ସବ 'ୟୁଫୋନି-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ.ଲେନିନ ମହାନ୍ତ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବିଜୁ ଜନତା ଦଳର ବରିଷ୍ଠ ପ୍ରବକ୍ତା ଡ.ପ୍ରିୟବ୍ରତ ମାଝି ଓ ତୁମ୍ବନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଯୁବ ସମାଜ ପାଇଁ ଶିକ୍ଷା ସହ ସଂସ୍କୃତି ଓ ପରମ୍ପରାର ଉଚିତ ସମନ୍ୱୟ ହିଁ ଉଚ୍ଚ ଅଭିଳାଷକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି କହିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡା.ଦେବାଶିଷ ମାରାଣ୍ଡି, ମୁଖ୍ୟବକ୍ତା ଜିଲା ଜରୁରୀକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ସୁଜୟ କୁମାର ପତି, ସମ୍ମାନିତ ଅତିଥି ଭାବେ ବ୍ରାହ୍ମଣୀ ପାଲେଟ୍ସର ମୁଖ୍ୟ ଲେଖା ଅଧିକାରୀ ନିତିନ କାଲେ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ କଲେ ସଫଳତା ପାଦ ଚୁମିବ ବୋଲି ମତବ୍ୟକ୍ତ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଡିଭାଇନର ମ୍ୟାନେଜିଂ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଇଂ ବିପ୍ଲବ ବୁଗୁଡେଇ, ଟ୍ରଷ୍ଟି ଇଂ. ଧରମବୀର ବୁଗୁଡେଇ ଏବଂ ଟ୍ରଷ୍ଟି କାହ୍ନୁ ସୋରେନ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ରାମ୍ପ ଶୋ' ଏବଂ ମିଷ୍ଟର ଓ ମିସ୍ ଡିଭାଇନ-୨୦୨୩ ପରିବେଷଣ ହୋଇଥିଲା। ମିଷ୍ଟର ଡିଭାଇନ ଭାବେ ଅଭିଜିତ ଘୋଷ ଏବଂ ମିସ୍ ଡିଭାଇନ ଭାବେ ପ୍ରିୟାରାଣୀ ମହାନ୍ତ ମନୋନୀତ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଲେକ୍ଟ୍ରିକାଲ ବିଭାଗର ଛାତ୍ର ମଙ୍ଗଳ ମୁର୍ମୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟରର ଆଖ୍ୟା ପାଇଥିଲେ। ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଥିବା ପ୍ରାକ୍ତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକପ୍ରିୟ କଳାକାର ପପୁ ପମ୍‌ପମ୍, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ଲିପ୍‌ସା ମହାପାତ୍ର ଏବଂ କୋଲକାତାର କଣ୍ଠଶିଳ୍ପୀ ପ୍ରୀତମ କୁମାର ଓ ଶ୍ରୀମୟୀ ଉପସ୍ଥିତ ରହି ଦର୍ଶକଙ୍କ ମନ ମୋହିଥିଲେ।

# 'ମାତୃଭାଷା ମନୁଷ୍ୟର ପ୍ରାଣ ସ୍ୱରୂପ'

କେନ୍ଦୁଝର,୨୧।୨(ସ୍ୱ.ପ୍ର.)



ଛାତ୍ରୀଛାତ୍ରଙ୍କ ସହ ଗୁରୁଜୀମାନେ।

କେନ୍ଦୁଝର ଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ପ୍ରଧାପକ ସୁଧା ଦାସ ଯୋଗଦେଇ ମାତୃଭାଷା ହିଁ ମନୁଷ୍ୟର ପ୍ରାଣ ସ୍ୱରୂପ। ମାତୃଭାଷା ବ୍ୟତିରକ ଅନ୍ୟ ଭାଷାରେ ମନର ଭାବକୁ ସହଜରେ ପ୍ରକାଶ କରିହୁଏ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଓ ଆଚାର୍ଯ୍ୟ ରଙ୍ଗାଧର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଶିଶୁଙ୍କ ମଧ୍ୟରେ ଶ୍ରୁତଲିଖନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କ ବଦଳିକୁ ବିରୋଧ

ଆରଡ଼ି, ୨୧।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହିର ମହତାବନଗରଠାରେ ଥିବା ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳିକୁ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ବିରୋଧ କରିଛନ୍ତି। ବଦଳି ଆଦେଶ ପ୍ରତ୍ୟାହାର ପାଇଁ ପାଳସାହି ଓ ରଇପୁର ପଞ୍ଚାୟତର ସରପଞ୍ଚଙ୍କ ସହ ବହୁ ଶିକ୍ଷାବିତ୍ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବିଭାଗୀୟ ମନ୍ତ୍ରୀ, ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ୫ ମାସ ତଳେ ପ୍ରଶାନ୍ତ କୁମାର ସାହୁ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଜଣେ ଅଭିଜ୍ଞ ପ୍ରଧାନ ଶିକ୍ଷକଙ୍କ ନିଯୁକ୍ତିକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଖୁସିବ୍ୟକ୍ତ କରିଥିଲେ। ହେଲେ ଅଚାନକ ତାଙ୍କର ବଦଳିକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଦଳି ଆଦେଶ ପ୍ରତ୍ୟାହାର ନ ହେଲେ ବିଦ୍ୟାଳୟ ନିକଟ ଭଦ୍ରକ-ଆରଡ଼ି ରାସ୍ତା ଅବରୋଧ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଏକଜୁଟ୍ ହେବାକୁ ନବଜ୍ୟୋତିଙ୍କ ଆହ୍ୱାନ

### 'ହାତ୍ ସେ ହାତ୍ ଯୋଡ଼ୋ' କାର୍ଯ୍ୟକ୍ରମ

ରେମୁଣା, ୨୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ କଂଗ୍ରେସ ଦଳ ପକ୍ଷରୁ ସମ୍ପ୍ରତି ଚାଲିଥିବା 'ହାତ ସେ ହାତ ଯୋଡ଼' କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସର ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ କହିଛନ୍ତି କି, ରାଜ୍ୟରେ ବିଜେଡି ଏବଂ କେନ୍ଦ୍ରରେ ଭାଜପା ସରକାର ଲୋକଙ୍କ ଆର୍ଥିକ ମାନଦଣ୍ଡକୁ ନଷ୍ଟ କରିସାରିଲେଣି। ତେବେ ପ୍ରମୁଖ ବିରୋଧୀ ଦଳ ଭାବେ କଂଗ୍ରେସ ଦଳ ଲୋକଙ୍କ ପାଖରେ ପହଞ୍ଚିବାର ଆବଶ୍ୟକତା ରହିଛି। ଆଗାମୀ ଦିନରେ ଲୋକଙ୍କ ଦୁଃଖ ଓ ଉଭୟ ସରକାରଙ୍କ ଆର୍ଥିକ ଅତ୍ୟାଚାର ବିରୋଧରେ ସାଧାରଣ ମତଦାତା ଓ ମହିଳାମାନେ ଏହି ଦୁଇଦଳର ପ୍ରାର୍ଥୀଙ୍କ ବିରୋଧରେ ଭୋଟ୍ ଦେବାକୁ ଶପଥ ନେବା ଆବଶ୍ୟକ। ଜିଲା କଂଗ୍ରେସ ସଭାପତି ସଞ୍ଜିବ କୁମାର ଗିରି ଯୋଗଦେଇ ରେମୁଣା ନିର୍ବାଚନମଣ୍ଡଳୀର ବିକାଶ କଂଗ୍ରେସ ସମୟରେ ହିଁ ହୋଇଥିଲା। ହେଲେ ଏହି ବିକାଶ କାର୍ଯ୍ୟକୁ କଂଗ୍ରେସର ନେତାମାନେ ଲୋକଙ୍କ ନିକଟରେ ପହଞ୍ଚାଇ ପାରିନାହାନ୍ତି। ତେଣୁ ଆମେ ଆଦୌ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରିନାହୁଁ ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ବ୍ଲକ କଂଗ୍ରେସ ସଭାପତି ତରୁଣ କୁମାର ଦାସ, କୁମୁଦୁନୀ ଦାସ, ଜ୍ୟୋସ୍ନା ସେନାପତି, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପାରମିତା ମହାନ୍ତି ଓ କହ୍ନେଇ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



କର୍ମୀ ସମ୍ମିଳନୀରେ ନେତା ନବଜ୍ୟୋତି ପଟ୍ଟନାୟକ ଓ ଅନ୍ୟମାନେ।

# ଧାନ ବିକିପାରୁ ନାହାନ୍ତି ଚାଷୀ

### ଟାର୍ଗେଟ ଦାବିରେ ରାସ୍ତାରୋକୋ

ଭଣ୍ଡାରିପୋଖରୀ,୨୧।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ସେବା ସମବାୟ ସମିତି ସମ୍ମୁଖରେ ମଙ୍ଗଳବାର ଚାଷୀମାନେ ଧାନ କ୍ରୟ ଟାର୍ଗେଟ ଦାବିରେ ରାସ୍ତାରୋକା କରି ଧାରଣା ଦେଇଥିଲେ। ଚଳିତବର୍ଷ ୧୮ ହଜାର କୁଇଣ୍ଟାଲ ଧାନ ଉଠାଯାଇଥିବା ବେଳେ ଆହୁରି ପ୍ରାୟ ୧୫ ହଜାର କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ। ହେଲେ ଆଉ ଟାର୍ଗେଟ ଆସୁ ନ ଥିବାରୁ ସେମାନେ ଧାନ ବିକି ପାରୁ ନାହାନ୍ତି। ଚାଷୀ ସୁରେନ୍ଦ୍ର ଦାସ, ଅଜୟ ରାଉତ, ଅଶୋକ ଜେନା, ପ୍ରଭାତ ଜେନା, ବିଦ୍ୟାଧର ପରିଡ଼ା ପ୍ରମୁଖ ମଣ୍ଡିରୁ ଶୀଘ୍ର ଧାନ ଉଠାଣ ଓ ଟାର୍ଗେଟ ଦାବି କରି ରାସ୍ତା ଉପରେ ଧାରଣା ଦେଇଥିଲେ। ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ପ୍ରାକ୍ତନ ସଭାପତି ନୃସିଂହ ଖିଲାର, ସହସମ୍ପାଦକ କିଶୋର ଦାସ ପ୍ରମୁଖ ପହଞ୍ଚି ଧାରଣାରତ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଟାର୍ଗେଟ ସମ୍ପର୍କରେ ବିଧାୟକ ଓ ଜିଲାପାଳଙ୍କୁ ଅବଗତ କରାଇ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।



ରାସ୍ତା ଉପରେ ଧାରଣାରେ ବସିଛନ୍ତି ଚାଷୀ।

ପ୍ରକାଶ ଯେ, ଏହି ବ୍ଲକରେ ଧାନ କ୍ରୟ ପାଇଁ ୮ ସମିତି ଓ ୮ ଏସ୍‌ଏଚ୍‌ଜିକୁ ପ୍ରଶାସନ ଦାୟିତ୍ୱ ଦେଇଛି। ମଣ୍ଡି ଉଦ୍‌ଘାଟନକୁ ଏହାମଧ୍ୟରେ ପାଖାପାଖି ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ନିର୍ଦ୍ଧାରିତ ଧାନ କ୍ରୟ ହୋଇପାରି ନାହିଁ। ପ୍ରଥମ ପର୍ଯ୍ୟାୟରେ ଯୋଗାଣ ବିଭାଗ ପକ୍ଷରୁ ଧାନ କ୍ରୟ ପାଇଁ ଯେତିକି ଟାର୍ଗେଟ ଦିଆଯାଇଥିଲା ତାହା ଇତିମଧ୍ୟରେ ଶେଷ ହୋଇଯାଇଛି। ଗୋଟିଏ ଦୁଇଟି ସମିତି ଓ ଏସ୍‌ଏଚ୍‌ଜିକୁ ଛାଡ଼ିଦେଲେ ବାକି ମଣ୍ଡିରେ ଏକ ସପ୍ତାହ ହେବ ଶତାଧିକ ଧାନ ବସ୍ତା ପଡ଼ିରହିଛି। ଏପରିକି ପ୍ରଥମେ ଯେଉଁ ଚାଷୀମାନେ ଟୋକନ ପାଇ ମଣ୍ଡିରେ ଧାନ ଦେଇଛନ୍ତି ଟଙ୍କା ପାଇନାହାନ୍ତି। ମିଲର ନେଉ ନ ଥିବା ବେଳେ ମଣ୍ଡିରେ ପଡ଼ି ରହିଥିବା ଧାନକୁ ମୂଷା ଖାଇ ନଷ୍ଟ କରୁଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସନ୍ଦୀପା ଦାସ କହିଛନ୍ତି, ମିଲର ମଣ୍ଡିରୁ ଯଥାଶୀଘ୍ର ଧାନ ଉଠାଯିବ ବୋଲି କହୁଛନ୍ତି, ହେଲେ ନେଉ ନାହାନ୍ତି।

